ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/Finance(OD)/1017/8-01-2020

# ସମାଜର ବିଭିନ୍ନ ବର୍ଗର ପ୍ରତିନିଧିଙ୍କ ସହ ଅର୍ଥମନ୍ତ୍ରୀଙ୍କର ପ୍ରାକ୍‌ବଜେଟ୍ ପରାମର୍ଶ ବୈଠକ

**ଭୁବନେଶ୍ୱର :୦୮ ଜାନୁଆରୀ,୨୦୨୧**

ଆଜି ଅର୍ଥମନ୍ତ୍ରୀ ଶ୍ରୀ ନିରଞ୍ଜନ ପୂଜାରୀ ବିଗତ ବର୍ଷ ପରି ସମାଜର ବିଭିନ୍ନ ବର୍ଗ ଯଥା- ବିଶେଷଜ୍ଞ, ବ୍ୟବସାୟୀ ତଥା ଶିଳ୍ପୋଦ୍ୟୋଗୀଙ୍କ ପ୍ରତିନିଧି ଏବଂ କୃଷକମାନଙ୍କ ସହିତ ଭର୍ଚୁଆଲ୍ ମାଧ୍ୟମରେ ପ୍ରାକ୍‌ବଜେଟ୍ ପରାମର୍ଶ କରିଛନ୍ତି । ଆଜି ସକାଳ ୧୧ଟାରୁ ୨ଟା ପର୍ଯ୍ୟନ୍ତ ଏହି ବୈଠକର ପ୍ରଥମ ଅଧିବେଶନରେ ପୂର୍ବତନ ଅର୍ଥମନ୍ତ୍ରୀ ଶ୍ରୀ ପଞ୍ଚାନନ କାନୁନ୍‌ଗୋ, ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ଶ୍ରୀ ପ୍ରଦିପ କୁମାର ଅମାତ, ପୂର୍ବତନ ଅର୍ଥ ବିଭାଗ ସଚିବ ଡକ୍ଟର ୟୁ, ଶରତଚନ୍ଦ୍ରନ୍, ଡକ୍ଟର ଆର୍.ଏନ୍. ସେନାପତି, ଶ୍ରୀ ୟୁ.ଏନ୍. ବେହେରା, ପୂର୍ବତନ ସଚିବ ବିବେକ ପଟ୍ଟନାୟକ, ଶ୍ରୀ ଏ.ପି. ଦାସ, ନାବାର୍ଡର ଜିଏମ୍, ରିଜର୍ଭ ବ୍ୟାଙ୍କର ଶ୍ରୀ ରଶ୍ମିରଞ୍ଜନ ବେହେରା, ପୂର୍ବତନ ଅର୍ଥବିଭାଗ ସ୍ୱତନ୍ତ୍ର ସଚିବ ଶ୍ରୀ କେ..ସି.ବଡୁ, ପ୍ରଫେସର ଅସୀତ ମହାନ୍ତି, ପ୍ରଫେସର ଡକ୍ଟର ଜଗନ୍ନାଥ ଲେଙ୍କା, ନାଇଜରର ଅର୍ଥଶାସ୍ତ୍ର ରିଡର୍ ଶ୍ରୀ ଅମରେନ୍ଦ୍ର ଦାସ ପ୍ରମୁଖ ଯୋଗଦାନ କରି ସେମାନଙ୍କର ସୁଚିନ୍ତିତ ମତାମତ ରଖିଥିଲେ ।

ସେହିପରି ଅପରାହ୍ଣ ୩ଟାରୁ ୫ଟା ପର୍ଯ୍ୟନ୍ତ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନରେ ଡକ୍ଟର ସରିତ କୁମାର ରାଉତ, ଅତିରିକ୍ତ ପ୍ରଫେସର, ଭାରତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଶ୍ରୀ ସୁମନ ରଏ, ୟୁନିସେଫ୍‌ର ସାମାଜିକ ନୀତି ବିଶେଷଜ୍ଞ ଶ୍ରୀ ବସନ୍ତ କୁମାର ନାୟକ, ସିୱାଇଏସ୍‌ଡ଼ି ବରିଷ୍ଠ କାର୍ଯ୍ୟକ୍ରମ ପରିଚାଳକ ଡକ୍ଟର ସନ୍ତୋଷ କୁମାର ମହାପାତ୍ର, ମୁକ୍ତବୃତ୍ତ ସ୍ତମ୍ଭକାର ଶ୍ରୀ ଲିବି ଜନ୍‌ସନ୍, ଗ୍ରାମ ବିକାଶ, ଶ୍ରୀ ଡି.ଏସ୍. ତ୍ରିପାଠୀ, କ୍ରେଡାଇର ଅଧକ୍ଷ, ଶ୍ରୀ ସୁଶାନ୍ତ କିଶୋର ଖୁଣ୍ଟିଆ, ପରିଚାଳନା ନିର୍ଦ୍ଦେଶକ, ନିର୍ଭରଯୋଗ୍ୟ କୃଷି ସେବା, ଶ୍ରୀ ଚିରଞ୍ଜୟ ମହାପାତ୍ର, ଅବୈତନିକ ସଂପାଦକ, ଓଡ଼ିଶା କ୍ଷୁଦ୍ର ଶିଳ୍ପ ସଂଘ, ଶ୍ରୀ ଅଭିଳାଷ ପ୍ରଧାନ, ଟ୍ରଷ୍ଟି-କମ୍-ସଭାପତି, ଅଭିନବ କୃଷି ଗବେଷଣା ସଂସ୍ଥା, ସମ୍ବଲପୁର, ସୁହେଲ୍ ସାଜାଦ୍ ସରିଫ୍, ସାଧାରଣ ସଂପାଦକ, ଓଡ଼ିଶା ଯୁବ ଉଦ୍ୟୋଗ ସଂଘ, କଟକ, ଶ୍ରୀ ଗୌତମ ପ୍ରଧାନ, ହର୍ଷ ଟ୍ରଷ୍ଟ, ଶ୍ରୀ ସୁଧାକର ପଣ୍ଡା, ସାଧାରଣ ସଂପାଦକ, ଓଡ଼ିଶା ବ୍ୟବସାୟୀ ମହାସଂଘ, ଶ୍ରୀ ରାମକୃଷ୍ଣ ପଣ୍ଡା, ଏଆଇଟିୟୁସି, ଓଡ଼ିଶା ଶାଖାର ଜାତୀୟ ସଂପାଦକ ଆଲୋଚନାରେ ଭାଗନେଇ ସେମାନଙ୍କର ମତାମତ ଉପସ୍ଥାପନ କରିଥିଲେ ।

ଏହି ଭର୍ଚୁଆଲ୍ ପ୍ରାକ୍‌ବଜେଟ୍ ଆଲୋଚନାରେ ଉପସ୍ଥିତ ବିଭାଗୀୟ ଅଧିକାରୀମାନେ ଓ ସେଣ୍ଟର ଅଫ୍ ଏକ୍ସଲେନ୍ସ ଇନ୍ ଫିସ୍‌କାଲ ପଲିସି ଆଣ୍ଡ ଟ୍ୟାକ୍ସେସନ୍‌ର ବିଶେଷଜ୍ଞମାନେ ସମସ୍ତ ଉପସ୍ଥିତ ଅତିଥିଙ୍କ ମତାମତକୁ ଲିପିବଦ୍ଧ କରିଥିଲେ । ଏହି ସମସ୍ତ ମତାମତକୁ ଅନୁଧ୍ୟାନ କରି ସଂପୃକ୍ତ ବିଭାଗକୁ ଆବଶ୍ୟକ ପଦକ୍ଷେପ ନିମନ୍ତେ ଶୀଘ୍ର ହସ୍ତାନ୍ତର କରିଦିଆଯିବ । ଆଗାମୀ ବର୍ଷ ୨୦୨୧-୨୨ ବଜେଟ୍ ପ୍ରସ୍ତୁତିରେ ଏହି ପରାମର୍ଶଗୁଡ଼ିକୁ ନିଶ୍ଚୟ ବିଚାର କରାଯିବ ବୋଲି ଅର୍ଥମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

ଦୀପ୍ତିମୟୀ ମହାପାତ୍ର
ସୂଚନା ଅଧିକାରୀ